ସୂଚନା ଓ ଲୋକ ସଂପର୍କ ବିଭାଗ
Information & Public Relations Department
Government of Odisha, Bhubaneswar-751001
Phone : (91-674) 2536736 /2390818 (Fax)
e-mail : iprsec.or@nic.in

**News ID-IPR/COVID-19(OD)/215/11-05-2021**

# ପ୍ରେସ୍ ବିବୃତି

ଭୁବନେଶ୍ୱର :୧୧ ମଇ, ୨୦୨୧

- ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ କହିଛନ୍ତି ଯେ ଓଡ଼ିଶାର ଜନସାଧାରଣଙ୍କ ପାଇଁ ଟିକା ସଂଗ୍ରହ କରିବା ଉଦ୍ଦେଶ୍ୟରେ ଗ୍ଲୋବାଲ୍ ଟେଣ୍ଡର ଡକାଯିବା ପ୍ରସ୍ତାବକୁ ଓଡ଼ିଶା କ୍ୟାବିନେଟ୍ ମଂଜୁରୀ ପ୍ରଦାନ କରିଛନ୍ତି । ସମସ୍ତ ସମ୍ବେଦନଶୀଳ ଜନସାଧାରଣଙ୍କୁ ଟିକାକରଣରେ ଅନ୍ତର୍ଭୁକ୍ତ କରି ସେମାନଙ୍କ ଜୀବନ ଏବଂ ଜୀବିକାର ସୁରକ୍ଷିତ ରଖିବାରେ ଏହା ଓଡ଼ିଶାକୁ ସାହାଯ୍ୟ କରିବ ବୋଲି ସେ କହିଛନ୍ତି ।

- ମାନ୍ୟବର ମୁଖ୍ୟମନ୍ତ୍ରୀ ପୁଣି କହିଛନ୍ତି ଯେ କୋଭିଡ୍-୧୯ର ଦ୍ୱିତୀୟ ଲହରି ବିରୁଦ୍ଧରେ ଓଡ଼ିଶାର ପ୍ରସ୍ତୁତିକୁ ସୁଦୃଢ଼ କରିବା ଉଦ୍ଦେଶ୍ୟରେ ରାଜ୍ୟରେ ମେଡିକାଲ ଅମ୍ଳଜାନ ଉତ୍ପାଦନ ବୃଦ୍ଧି କରିବା ଏବଂ ମେଡିକାଲ ଅମ୍ଳଜାନ ଓ ଏହାର କଣ୍ଟେନର ଉତ୍ପାଦନକାରୀଙ୍କୁ ସହାୟତା ଦେବା ପାଇଁ ଶିଳ୍ପ ପ୍ରୋତ୍ସାହନ ନୀତି-୨୦୧୫ରେ ସଂଶୋଧନକୁ ମଂଜୁରୀ ଦେଇଛନ୍ତି ।

- କୋଭିଡ୍-୧୯ ସଂକ୍ରମଣର ଭବିଷ୍ୟତ ଲହରିଗୁଡ଼ିକରୁ ନାଗରିକମାନଙ୍କୁ ସୁରକ୍ଷା ଦେବାରେ ଏବଂ ମୂଲ୍ୟବାନ ଜୀବନ ରକ୍ଷା କରିବାରେ ଟିକା ଏକ ପ୍ରମୁଖ ଉପାଦାନ ବୋଲି ରାଜ୍ୟ କ୍ୟାବିନେଟ୍ ଉଲ୍ଲେଖ କରିଛନ୍ତି । ଜନସଂଖ୍ୟାର ବହୁଳ ଅଂଶର ଟିକାକରଣ କ୍ରମେ ସ୍ୱାଭାବିକ ସ୍ଥିତି ଫେରାଇ ଆଣିଥିବା ଇସ୍ରାଏଲ୍‌କୁ କ୍ୟାବିନେଟ୍ ଦୃଷ୍ଟାନ୍ତ ଭାବେ ଉପସ୍ଥାପିତ କରିଛନ୍ତି ।

- ଭାରତ ସରକାରଙ୍କୁ ରାଜ୍ୟମାନଙ୍କର ଆର୍ଥିକ ବୋଝ କମ କରିବା ଏବଂ ଓଡ଼ିଶାର ବିଶ୍ୱସ୍ତରୀୟ ଟିକାକରଣ ଅଭିଯାନକୁ ସହଯୋଗ ଦେବା ଉଦ୍ଦେଶ୍ୟରେ ଟିକା ଉପରୁ ସମସ୍ତ କର ଉଚ୍ଛେଦ କରିବା ପାଇଁ ଓଡ଼ିଶା କ୍ୟାବିନେଟ୍ ଆହ୍ୱାନ ଦେଇଛନ୍ତି । ଏହି ସମୟରେ ରାଜ୍ୟର ସମ୍ବଳ ବୃଦ୍ଧି ପାଇଁ ବିଭିନ୍ନ ସେସ୍ ଏବଂ ସରଚାର୍ଜରୁ ଉପଯୁକ୍ତ ଅଂଶ ପ୍ରଦାନ ପାଇଁ ରାଜ୍ୟ କ୍ୟାବିନେଟ୍ ଅନୁରୋଧ କରିଛନ୍ତି ।

- ଓଡ଼ିଶା କ୍ୟାବିନେଟ୍ ସମସ୍ତ ଉପଲବ୍ଧ ସମ୍ବଳ ସହିତ ଭୂତାଣୁ ବିରୁଦ୍ଧରେ ସଂଗ୍ରାମ କରିବା ଏବଂ କୋଭିଡ୍-୧୯ ରୋଗୀମାନଙ୍କୁ ଡାକ୍ତରୀ ସହାୟତା ଯୋଗାଇବା ପାଇଁ ତାହାର ପ୍ରତିବଦ୍ଧତାକୁ ଦୋହରାଇଛନ୍ତି । ରାଜ୍ୟ କ୍ୟାବିନେଟ୍ ମହାମାରୀ ବିରୁଦ୍ଧରେ ସଂଗ୍ରାମ ପାଇଁ ଜନସାଧାରଣଙ୍କୁ କୋଭିଡ୍-୧୯ ନିୟମ ମାନିବା ସହ ସାମାଜିକ ଦୂରତା ବଜାୟ ରଖିବା ପାଇଁ ଅନୁରୋଧ କରିଛନ୍ତି ।

‘ଘରେ ରୁହନ୍ତୁ, ସୁରକ୍ଷିତ ରୁହନ୍ତୁ’

➢ ମାନ୍ୟବର ମୁଖ୍ୟମନ୍ତ୍ରୀ ଆର୍‌ଟିପିସିଆର୍ ପରୀକ୍ଷା ନିମନ୍ତେ ଭଦ୍ରକ, ବୌଦ୍ଧ, ଢେଙ୍କାନାଳ, ଗଜପତି, ଖୋର୍ଦ୍ଧା, ଜଗତସିଂହପୁର, ଯାଜପୁର, କେନ୍ଦ୍ରାପଡ଼ା, ନବରଙ୍ଗପୁର, ମାଲକାନଗିରି, ସୋନପୁର, କନ୍ଧମାଳ, ସୁନ୍ଦରଗଡ଼, ରାୟଗଡ଼ା ଓ ବରଗଡ଼ ଜିଲ୍ଲାର ସଦର ମହକୁମାଠାରେ ଗୋଟିଏ ଲେଖାଏଁ ପରୀକ୍ଷଣ କେନ୍ଦ୍ର ପ୍ରତିଷ୍ଠା ପାଇଁ ୨୦ କୋଟି ଟଙ୍କା ମଂଜୁର କରିଛନ୍ତି । ଏଥି ପାଇଁ ପ୍ରତି ଜିଲ୍ଲାରେ ଜଣେ ଲେଖାଏଁ ମାଇକ୍ରୋ ବାୟୋଲୋଜିଷ୍ଟ ଓ ତିନିଜଣ ଲାବୋରେଟୋରୀ ଟେକ୍‌ନିସିଆନ୍‌ଙ୍କୁ ନିୟୋଜିତ କରାଯିବ ବୋଲି ସେ କହିଛନ୍ତି ।

➢ ମାନ୍ୟବର ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ପ୍ରଥମ ଡ୍ରାଇଭ୍-ଇନ୍ ଟିକାକରଣ କେନ୍ଦ୍ରର ସଫଳତାକୁ ଲକ୍ଷ୍ୟ କରି ଭୁବନେଶ୍ୱର ମହାନଗର ନିଗମ ରାଜଧାନୀର ବିଭିନ୍ନ ସ୍ଥାନରେ ଆଉ ତିନୋଟି ଅନୁରୂପ ଟିକାକରଣ କେନ୍ଦ୍ର ଖୋଲିଛନ୍ତି । ଏହି ଉଦ୍ୟମ ଟିକାକରଣ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବ ଏବଂ ମୂଲ୍ୟବାନ ଜୀବନ ରକ୍ଷା କରିବାରେ ସହାୟକ ହେବ ବୋଲି ସେ କହିଛନ୍ତି ।

➢ ମାନ୍ୟବର ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ମାଲକାନଗିରି ଏସ୍‌ଡିପିଓ ଶ୍ରୀ ଅଂଶୁମାନ ଦ୍ୱିବେଦୀ ବାଲେଶ୍ୱର ଜିଲ୍ଲାର ସୁଧୀର ରଞ୍ଜନଙ୍କ ମୃତଦେହ ସ୍ଥାନାନ୍ତର ପାଇଁ ତାଙ୍କ ପରିବାର ଲୋକଙ୍କୁ ସହଯୋଗ କରିବା ମାନବୀୟ କାର୍ଯ୍ୟର ଅନନ୍ୟ ଉଦାହରଣ । ବର୍ତ୍ତମାନର କଠିନ ସମୟରେ ତାଙ୍କର ଏହି ଉତ୍ସର୍ଗୀକୃତ ସେବା ମନୋଭାବ ସମସ୍ତଙ୍କ ପାଇଁ ପ୍ରେରଣାଦାୟୀ ବୋଲି ମାନ୍ୟବର ମୁଖ୍ୟମନ୍ତ୍ରୀ କହିଛନ୍ତି ।

## ସର୍ବଶେଷ ସ୍ୱାସ୍ଥ୍ୟ ସୂଚନା

- ଗତକାଲି ମଧ୍ୟରାତ୍ରି ସୁଦ୍ଧା ଓଡ଼ିଶାରେ ୧,୦୬,୧୨,୪୫୬ଟି ନମୁନା କୋଭିଡ୍-୧୯ ପରୀକ୍ଷା କରାଯାଇଛି ।
- ବର୍ତ୍ତମାନ ସୁଦ୍ଧା ସମୁଦାୟ ୫,୫୪, ୬୬୬ ଜଣ ପଜିଟିଭ୍ ଚିହ୍ନଟ ହୋଇଛନ୍ତି ।
- ୪,୫୭, ୫୬୯ ଜଣ ରୋଗୀ ସଂପୂର୍ଣ୍ଣ ସୁସ୍ଥ ହୋଇଛନ୍ତି/ଡାକ୍ତରଖାନାରୁ ଫେରିଛନ୍ତି ।
- ୨୨୧୫ ଜଣ କୋଭିଡ୍-୧୯ ରୋଗୀଙ୍କର ମୃତ୍ୟୁ ହୋଇଛି ।
- ସକ୍ରିୟ ଥିବା ସଂକ୍ରମିତଙ୍କ ସଂଖ୍ୟା ୯୪,୮୨୯ ରହିଛି ।

ମାନସ ରଞ୍ଜନ ଖୁଣ୍ଟିଆ
ସୂଚନା ଅଧିକାରୀ

**'ଘରେ ରୁହନ୍ତୁ, ସୁରକ୍ଷିତ ରୁହନ୍ତୁ'**